# ଉତ୍ପାଦନ ବଢୁଥିଲେ ବି ଅଭାବ

ବ୍ରହ୍ମପୁର,ତା୨୦।୧୨(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାରେ ପୂର୍ବାପେକ୍ଷା ମାଛ ଉତ୍ପାଦନ ବଢ଼ିଛି। ଆନ୍ଧ୍ରପ୍ରଦେଶରୁ ମାଛ ଆମଦାନୀ କମିବାରେ ଲାଗିଛି। ଜିଲାର ଚାହିଦା ପୂରଣ କରିବାରେ ଗଞ୍ଜାମ ଆଉ କେଇ ପାଦ ପଛରେ ରହିଛି।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ତଥ୍ୟ ଅନୁସାରେ ଗଞ୍ଜାମ ଜିଲାକୁ ବର୍ଷକୁ ୭୭ ହଜାର ମେଟ୍ରିକ ଟନ ମାଛ ଆବଶ୍ୟକ ପଡୁଛି। କିନ୍ତୁ ୨୦୨୨-୨୩ ଆର୍ଥିକ ବର୍ଷରେ ଉତ୍ପାଦିତ ହୋଇଛି ୭୧୮୦୫ମେଟ୍ରିକ ଟନ। ୨୦୨୧-୨୨ରେ ୭୦୨୩୬ ହଜାର ମେଟ୍ରିକ ଟନ ମାଛ ଉତ୍ପାଦିତ ହୋଇଥିଲା। ତେବେ ବାର୍ଷିକ ୫ ହଜାର ମେଟ୍ରିକ ଟନ ମାଛ ନିଅଣ୍ଟ ପଡୁଥିବା ସରକାରୀ ସୂତ୍ରରୁ ଆକଳନ କରାଯାଇଛି। କିନ୍ତୁ ବେସରକାରୀ ଭାବେ ଏହା ଆହୁରି ଅଧିକ ହେବ ବୋଲି ବ୍ୟବସାୟୀଙ୍କ ମତ। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡୁଛି। ମାଛର ଚାହିଦା ପୂରଣ କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଛି। ଏହି ଯୋଜନାରେ ୫ଟି ସ୍କିମରେ ଚାଷୀଙ୍କୁ ବିଭାଗ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି। ଜିଲାର ୨୨ ବ୍ଲକରେ ଅନେକ ବ୍ୟକ୍ତିଗତ ପୋଖରୀ ଓ ଗୋଷ୍ଠୀଗତ ପୋଖରୀ ରହିଛି। ଅନେକ ହିତାଧିକାରୀ ମାଛ ଚାଷ କରିଛନ୍ତି। ଆଉ କେତେକ ଗାଁରେ ଗ୍ରାମ୍ୟ ପୋଖରୀଗୁଡ଼ିକୁ ନେଇ ବିବାଦ ଦେଖାଦେଉଥିବାରୁ ସେଥିରେ ମାଛ ଚାଷ ହୋଇପାରୁନାହିଁ। ଗ୍ରାମଗୁଡ଼ିକରେ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)କୁ ରୋଜଗାର ଦେବା ପାଇଁ ମାଛ ଚାଷରେ ଅନ୍ତର୍ଭୁକ୍ତ କରାଯାଇଛି। ମତ୍ସ୍ୟଚାଷୀମାନଙ୍କୁ ବିଭାଗ ପକ୍ଷରୁ ବିଭିନ୍ନ କର୍ମଶାଳା ମାଧ୍ୟମରେ ସଚେତନ କରାଯାଉଛି। ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରକଳ୍ପ ଖର୍ଚ୍ଚ ଦେଢ଼ ଲକ୍ଷ ଟଙ୍କା ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନୁଯାୟୀ ଏହା ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିରେ ୬୦ ପ୍ରତିଶତ ସବସିଡ ବ୍ୟବସ୍ଥା ବି ରହିଛି। ଗତବର୍ଷ ୨୩୫ ଏସଏଚଜିଙ୍କୁ ମାଛ ଚାଷ ପାଇଁ ଚିହ୍ନଟ କରାଯାଇଥିଲା। ସେମାନେ ୪୫୦.୪୨ ହେକ୍ଟର ପୋଖରୀରେ ମାଛ ଚାଷ



କରିଥିଲେ। ସେମାନଙ୍କୁ ୪ କୋଟି ୫ ଲକ୍ଷ ଟଙ୍କା ସବସିଡ ମିଳିଛି। ସେହିପରି କୁଣ୍ଡରେ ମାଛ ଚାଷ କରିବା ସ୍କିମରେ ୨୭୦ ଟ୍ୟାଙ୍କ ଟାର୍ଗେଟ ଥିବାବେଳେ ୨୭୮ ଟ୍ୟାଙ୍କରେ ମାଛ ଚାଷ ହୋଇଛି। ଏହାଦ୍ୱାରା ୬୨ ଚାଷୀ ଲାଭାନ୍ୱିତ ହୋଇଛନ୍ତି। ଚଳିତବର୍ଷ ଡିସେମ୍ବର ସୁଦ୍ଧା ୨୦୧ ଏସଏଚଜିଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାଦେଶ ଦିଆଯାଇଛି। ସେହିପରି ଖାରିପାଣି ଚିଙ୍ଗୁଡ଼ି ଚାଷ ସ୍କିମରେ କଲଚର ଓ କେପଚର ପଦ୍ଧତିରେ ୬୪୬୪ ମେଟ୍ରିକ ଟନ ଚିଙ୍ଗୁଡ଼ି ଉତ୍ପାଦିତ ହୋଇଛି। ଅନ୍ୟ ସ୍କିମରେ ମତ୍ସ୍ୟ ପରିବାରର ୩୫୦ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ଆଉ ଏକ ସ୍କିମରେ ୩୫୦ ଚାଷୀଙ୍କୁ ୬୯.୧୩ ଲକ୍ଷ ଟଙ୍କାର ଜାଲ ପ୍ରଦାନ କରାଯାଇଛି। ସେହିପରି ମତ୍ସ୍ୟ

### ଗଞ୍ଜାମ ଜିଲାରେ ମାଛଚାଷ

ପୋଖରୀ ଯୋଜନାରେ ୫୨ ଜଣ ଚାଷୀ ୩୦ ହେକ୍ଟର ପୋଖରୀରେ ମାଛ ଚାଷ କରି ଲାଭାନ୍ୱିତ ହୋଇଥିବାବେଳେ ୧୧୪.୨୦ ଲକ୍ଷ ଟଙ୍କା ସବସିଡି ପାଇଛନ୍ତି। ଚଳିତବର୍ଷ ୪୫ ହେକ୍ଟର ପୋଖରୀରେ ମାଛ ଚାଷ କରିବା ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତେଣୁ ମାଛ ଚାଷର ବିକାଶ ହୋଇଛି ବୋଲି ମୁଖ୍ୟ କାର୍ଯ୍ୟାଳୟର ସହକାରୀ ମତ୍ସ୍ୟ ଅଧିକାରୀ ସନ୍ତୋଷିତା ପ୍ରଧାନ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମତ୍ସ୍ୟ ଅଧିକାରୀ ନିମାଇଁ ଚରଣ ବସ୍ତିଆ କୁହନ୍ତି ଗଞ୍ଜାମରେ ମାଛ ଉତ୍ପାଦନ ବଢ଼ି ଚାଲିଛି। ଲୋକେ ଏବେ ଏହି ଚାଷ କରିବାକୁ ଆଗଭର ହେଲେଣି। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବି ଏଥିରେ ସମ୍ପୃକ୍ତ ହେଲେଣି। ଚାହିଦା ତୁଳନାରେ ଯାହା ଅଭାବ ପଡୁଛି ତାହା କିଛି ନୁହଁ। ଆସନ୍ତା ବର୍ଷକୁ ଗଞ୍ଜାମ ଅନ୍ୟ ଜିଲାକୁ ମାଛ ରପ୍ତାନୀ କରିବ ଏଥିରେ ସନ୍ଦେହ ନାହିଁ ବୋଲି କହିଛନ୍ତି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଶୁଭଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

### ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ଶ୍ୟାମାକାଳୀ ପୀଠରେ ବାର୍ଷିକୋତ୍ସବ। ସ୍ଥାନ-ଶିଳ୍ପାଞ୍ଚଳ ଛକ। ସମୟ-ସକାଳ ୯ଟା।

## ଲାଞ୍ଚ ମାମଲା: ତହସିଲଦାର ନିର୍ଦ୍ଦୋଷ

ବ୍ରହ୍ମପୁର,୨୦।୧୨(ସୁବାସ ଚନ୍ଦ୍ର ପାଢ଼ୀ)

୨୦୧୮ରେ ଏକ ମାମଲା ରୁଜୁ ନ କରିବା ପାଇଁ ବେଲଗୁଣ୍ଠାର ତତ୍କାଳୀନ ତହସିଲଦାର ଓ ଏଆରଆଇ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ବୁଧବାର ଉକ୍ତ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ବେଲଗୁଣ୍ଠାର ତତ୍କାଳୀନ ତହସିଲଦାର ପ୍ରଭାକର ପଣ୍ଡା ଓ ବଙ୍କା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଏଆରଆଇ ପ୍ରଶାନ୍ତ ପାଣିଗ୍ରାହୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ବେଲଗୁଣ୍ଠା ବ୍ଲକ ନବରତ୍ନପୁର ଗ୍ରାମର ସୁଶାନ୍ତ ସାହୁ ନିଜ ଜମିରେ ଇଟାଭାଟି କରିଥିଲେ। ତତ୍କାଳୀନ ତହସିଲଦାର ପଣ୍ଡା ସେଠାରେ ଚଢ଼ାଉ କରି କେତେକ ସରଞ୍ଜାମ ଜବତ କରିଥିଲେ। ୩୦ ହାଜର ଟଙ୍କା ଦେଲେ ମାମଲା ରୁଜୁ କରିବେନି ବୋଲି ସେ ସୁଶାନ୍ତଙ୍କୁ କହିଥିଲେ। ମୂଲଚାଲ ପରେ ୧୫ ହଜାର ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ସୁଶାନ୍ତ ଏନେଇ ବ୍ରହ୍ମପୁର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ୨୦୧୮ ମାର୍ଚ୍ଚ ୨୨ ତାରିଖରେ ସୁଶାନ୍ତ ତହସିଲଦାରଙ୍କୁ ୧୫ ହଜାର ଟଙ୍କା ଦେବାକୁ ତାଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ସେ ସେଠାରେ ଥିବା ଏଆରଆଇ ପ୍ରଶାନ୍ତଙ୍କୁ ଉକ୍ତ ଟଙ୍କା ଦେବାକୁ କହିଥିଲେ। ପ୍ରଶାନ୍ତ ଉକ୍ତ ଲାଞ୍ଚ ଟଙ୍କା ସୁଶାନ୍ତଙ୍କ ନିକଟରୁ ଗ୍ରହଣ କରିଥିଲେ। ଭିଜିଲାନ୍ସ ଟିମ ସେଠାରେ ଚଢ଼ାଉ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିଥିଲା। ସେହିପରି ମାମଲା ନମ୍ବର ୧୩/୧୮ ରେ ଉଭୟ ତହସିଲଦାର ଓ ଏଆରଆଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ମାମଲାର ବିଚାର ବେଳେ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମୁଦାଲାଙ୍କ ପକ୍ଷରୁ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୭୦ ୟୁନିଟ ସଂଗ୍ରହ



କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ।

ଗୋପାଳପୁର,୨୦।୧୨ (ନବୀନ ରାଜ ଆଚାରୀ)

ଗୋପାଳପୁର ମହାବିଦ୍ୟାଳୟ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ସାମାଜିକ କାର୍ଯ୍ୟକ୍ରମ ଜରିଆରେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷ ସିଏଚ ଉଷା ରାଣୀ, ଗଞ୍ଜାମ ଜିଲା ପରିଷଦ ଉପସଭାପତି ଏସ. ରାଜେଶ୍ୱରୀ ଦୋରା, ପରିଚାଳନା କମିଟିର ସଭାପତି ସିଏଚ ଡ଼ିଲେଶ୍ୱର ରେଡି ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ଡ଼ ରାମ ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ବିଧାୟକ ପଣ୍ଡା ରକ୍ତଦାତାଙ୍କୁ ପ୍ରଶଂସା କରିବା ସହ ଉତ୍ସାହିତ କରିଥିଲେ। ଯୁବ ଓଡ଼ିଶା ଓ ନବୀନ ଓଡ଼ିଶାର ଭୂମିକା ନେଇ ଅବଗତ କରାଯାଇଥିଲା। ଶିବିରରେ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅଧ୍ୟାପକ, ଛାତ୍ରୀଛାତ୍ର ଓ ପୁରାତନ ଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏହି ଅବସରରେ ବ୍ରହ୍ମପୁର ଡେପୁଟି ମେୟର ବିବେକ ରେଡି, ଗୋପାଳପୁର ଏନଏସି ଚେୟାରମେନ ଏ. ଜାନକୀ ରାମ, ୫୪ନଂ. ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ରାଜ୍ୟ ସମବାୟ ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ନାୟକ, ଯୁବ ନେତା ସନ୍ତୋଷ ପାତ୍ର, ଅଧ୍ୟାପକ ଡ଼. ରାମ ଚନ୍ଦ୍ର ଜେନା,ଏସ ରୂପ ଲକ୍ଷ୍ମୀ, ଡ଼ ମନୋଜ ପଟ୍ଟନାୟକ, ଏସ ରାମା ରାଓ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶଶୀଭୂଷଣ ମହାନ୍ତି, ସମାଜସେବୀ ରାମହରି ପାତ୍ର, ଏମ ଚନ୍ଦ୍ରଶେଖର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଠକେଇ ମାମଲାରେ ଜଣେ ଗିରଫ

ଛତ୍ରପୁର,୨୦।୧୨(ଦିଲୀପ ସାମଲ):

ଏକ ଠକେଇ ମାମଲାରେ ଛତ୍ରପୁର ଥାନା ପୋଲିସ ଆସିକା ଥାନା ଅନ୍ତର୍ଗତ ଆଲିପୁର ଗ୍ରାମର ଶିବରାମ ଗୌଡ଼ଙ୍କୁ ଗିରଫ କରିଛି। କମ୍ ଦାମରେ କାର କିଣେଇ ଦେବେ ବୋଲି କହି ସେ ଲୋକଙ୍କୁ ଠକିଥିବା ଅଭିଯୋଗ ଆସିଥିଲା। ନିମଖଣ୍ଡି ଥାନା ଅନ୍ତର୍ଗତ ନୀଳାଞ୍ଚଳନଗରର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଠାରୁ ଶିବରାମ ୮ ଲକ୍ଷ ଟଙ୍କା ନେଇ କାର ଯୋଗେଇ ଦେବେ ବୋଲି କହି ଠକିଥିବା ଛତ୍ରପୁର ଥାନାରେ ଗତ ୧୦ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ୮୪୪ /୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଶିବରାମଙ୍କୁ ଗିରଫ କରିଛି। ସେ ପୁରୁଷୋତ୍ତମପୁରର ଜ୍ୟୋତିରାଜ ଦାସଙ୍କଠାରୁ ମଧ୍ୟ ୧୦ ଲକ୍ଷ ଠକିଥିବା ଅଭିଯୋଗ ହୋଇଛି। ପୂର୍ବରୁ ଶିବରାମଙ୍କ ନାମରେ ଛତ୍ରପୁର ଥାନାରେ ୨ଟି, ପାହାଳ, ଖଣ୍ଡଗିରି, ଭୁବନେଶ୍ୱର କ୍ୟାପିଟାଲ, ଲକ୍ଷ୍ମୀସାଗର ଏବଂ ନୟାପଲ୍ଲୀ ଥାନାରେ ଏକାଧିକ ମାମଲା ରହିଛି।

## ହତ୍ୟା ଉଦ୍ୟମ ମାମଲା: ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ବ୍ରହ୍ମପୁର, ୨୦।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଜମି ବିବାଦକୁ ନେଇ ଲାଗିରହିଥିବା ଅଶାନ୍ତିରୁ ଜଣେ ବୃଦ୍ଧଙ୍କୁ ୨୦୧୯ ମସିହାରେ ଠେଙ୍ଗାରେ ପିଟି ହତ୍ୟା ଉଦ୍ୟମ ହୋଇଥିଲା। ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ) ଅଲେଖ କୁମାର ପ୍ରଧାନ ଉକ୍ତ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ମିଳିଥିବାରୁ ସେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଉଛନ୍ତି ବଡବଜାର ଥାନା ଅନ୍ତର୍ଗତ ଶଗଡ଼ିଆ ମାର୍ଥାସାହିର ଗାଣ୍ଟୁ ଜେନା (୬୦)। ଏସିଜେଏମ ଅଭିଯୁକ୍ତଙ୍କୁ ଏକ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୩ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ମାସ ସଶ୍ରମ କାରାଦଣ୍ଡର ନିର୍ଦ୍ଦେଶ ମଧ୍ୟ ସେ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ , ଗାଣ୍ଟୁ ଜେନା ଓ ଲକ୍ଷ୍ମୀନୃସିଂହ ସାହିର ଶିବରାମ ବିଶୋୟୀଙ୍କ ମଧ୍ୟରେ ଝଗଡା ଲାଗିରହିଥିଲା। ୨୦୧୯ ଅଗଷ୍ଟ ୨୧ ତାରିଖ ସକାଳେ ଶିବରାମ ମିନାକ୍ଷୀନଗର ନିକଟରେ ଥିବା ତାଙ୍କ ଜମିରେ କାମ କରୁଥିଲେ। ସେହି ସମୟରେ ଗାଣ୍ଟୁ ସେଠାରେ ପହଞ୍ଚିଥିଲେ। ଉଭୟଙ୍କ ମଧ୍ୟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବଚସା ହୋଇଥିଲା। ଗାଣ୍ଟୁ ହାତରେ ଧରିଥିବା ଏକ ଠେଙ୍ଗାରେ ଶିବରାମଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ହେଲେ ସେ ତାଙ୍କ ମୁଣ୍ଡ ଉପରେ ହାତ ରଖି ଦେଇଥିଲେ। ଫଳରେ ଠେଙ୍ଗା ତାଙ୍କ ଡାହାଣ ହାତରେ ବାଜିଥିଲା। ଠେଙ୍ଗା ମାଡ଼ରେ ଆଙ୍ଗୁଠି ଗୁଡିକ ଭାଙ୍ଗି ଯାଇଥିଲା। ଜମିରେ କାମ କରୁଥିବା କିଛି ଲୋକ ଶିବରାମଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ। ପରେ ସେ ଏନେଇ ଗୋସାଣିନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮୬/୧୯ ରେ ଅଭିଯୁକ୍ତ ଗାଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ତାଙ୍କୁ ଜାମିନ ମିଳିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସଆଇ ପ୍ରଣତୀ ନାୟକ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏସିଜେଏମ ସାକ୍ଷୀ ମାନଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଭି. ପ୍ରସନ୍ନ କୁମାର ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

## ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

### ପୀଡ଼ିତାଙ୍କୁ ୨ ଲକ୍ଷ ଆର୍ଥିକ ସହାୟତା ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର, ୨୦।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକସ ଜଜ ଗଣେଶ୍ୱର ପତି ଏକ ନାବାଳିକା ବଳାତ୍କାର ମାମଲାର ଚୂଡାନ୍ତ ରାୟ ବୁଧବାର ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଧରାକୋଟ ଥାନା ବଡ଼ଦାମଦୋର ପଲ୍ଲୀ ମିଥୁନ ସେଠୀ(୨୭)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ଦେଢ଼ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ ରହିଛି । ସେହିପରି ପୀଡିତାଙ୍କୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ରେ ସଦର ଥାନା ଅଞ୍ଚଳର ନାବାଳିକା ଜଣଙ୍କ କାମକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିନଥିଲେ। ଘର ଲୋକ ଖୋଜାଖୋଜି କରି ନିରାଶ ହୋଇଥିଲେ। ସେହବର୍ଷ ନଭେମ୍ବର ୨୯ରେ ସୋରଡ଼ା ପୋଲିସ ଏକ ଜଙ୍ଗଲିଆ ରାସ୍ତାରୁ ତାଙ୍କୁ ଉଦ୍ଧାର କରିଥିଲା। ବଡ ମେଡିକାଲରେ ତାଙ୍କର ଚିକିତ୍ସା ହୋଇଥିଲା। ଅଭିଯୁକ୍ତ ମିଥୁନ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରି ପ୍ରଥମେ ପୁରୀ ନେଇ ଅନିଚ୍ଛା ସତ୍ତ୍ୱେ ବଳାତ୍କାର କରିଥିଲେ। ପରେ ନିର୍ଯାତନା ଦେଇଥିଲେ। ନାବାଳିକା ଗର୍ଭବତୀ ହେବା ପରେ ଅଭିଯୁକ୍ତଙ୍କ ଠାରୁ ବାରମ୍ବାର ମାଡ଼ ଖାଇବା ଯୋଗୁଁ ତାଙ୍କର ଗର୍ଭପାତ ହୋଇଥିଲା। ପରେ ସେ ତାଙ୍କୁ ଆଣି ସୋରଡ଼ା ଜଙ୍ଗଲ ରାସ୍ତାରେ ଛାଡି ଚାଲି ଯାଇଥିଲେ ବୋଲି ପୀଡ଼ିତା ବୟାନ ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ମିଥୁନ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୧ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବାରୁ କୋର୍ଟ ଧାରା ୩୨୪ ଓ ୫୦୬ରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରିଥିଲେ।

## ସେଲ୍ସ ପ୍ରମୋଶନ ଏମ୍ପ୍ଲୟିଜ ଆକ୍ଟ ଉଚ୍ଛେଦକୁ ବିରୋଧ

### ସଂଘ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବ୍ରହ୍ମପୁର,୨୦।୧୨ (ସ୍ମୃତି ରଞ୍ଜନ ମହାଲିକ)

ସେଲ୍ସ ପ୍ରମୋସନ ଏମ୍ପ୍ଲୟିଜ ଆକ୍ଟକୁ ଉଚ୍ଛେଦ କରିବା ନିଷ୍ପତ୍ତିକୁ ବିରୋଧ ସମେତ ୮ ଦଫା ଦାବି ସମୂହକୁ ନେଇ ଫେଡେରେଶନ ଅଫ ମେଡିକାଲ ଆଣ୍ଡ ସେଲ୍ସ ରିପ୍ରେଜେଣ୍ଟିଭ ଆସୋସିଏସନ ଅଫ ଇଣ୍ଡିଆ ୨୪ ଘଣ୍ଟିଆ ଧର୍ମଘଟ ଡାକରା ଦେଇଛି। ଏହାକୁ ସମର୍ଥନ କରି ଓଡିଶା ସେଲସ ରିପ୍ରେଜେଣ୍ଟିଭସ ସଂଘ ବ୍ରହ୍ମପୁର ଶାଖା ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ସଂଘ ପକ୍ଷରୁ ନୂଆ ବସ ଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଂଚି ବିକ୍ଷୋଭ ସହ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଦାବି ଗୁଡିକ ମଧ୍ୟରେ ଔଷଧର ଦର ପ୍ରସ୍ତୁତି ମୂଲ୍ୟ ଉପରେ ନିର୍ଦ୍ଧାରଣ, ଔଷଧକୁ ସଂପୂର୍ଣ୍ଣ ଟିକସ ମୁକ୍ତ, ଔଷଧ ଶିଳ୍ପରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସୁରକ୍ଷା




ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ଦେଉଥିବା ସେଲ୍ସ ପ୍ରମୋସନ ଏମ୍ପ୍ଲଇଜ ଆଇନକୁ ସୁରକ୍ଷିତ ରଖିବା, ମେଡିକାଲ ଓ ସେଲସ ରିପ୍ରେଜେଣ୍ଟିଭଙ୍କୁ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟ କରିବାର ଅଧିକାର ଏବଂ ରାଷ୍ଟ୍ରାୟତ୍ତ ଔଷଧ ଶିଳ୍ପର ପୁନଃରୁଦ୍ଧାର କରିବା ପାଇଁ ଦାବି ହୋଇଛି। ଆଜିର ପ୍ରତିବାଦ କାର୍ଯ୍ୟକ୍ରମରେ ସଂଘର ରାଜ୍ୟ କମିଟି ସଭ୍ୟ ବି ଇଶ୍ୱର ରାଓ, ଜିଲା ଉପସଭାପତି ସୂର୍ଯ୍ୟ ନାରାୟଣ ପରିଡା, ସଂପାଦକ ଏ ଆନନ୍ଦ ରାଓ, ଯୁଗ୍ମ ସାଧାରଣ ସଂପାଦକ ନୃସିଂହ ପ୍ରସାଦ ବ୍ରହ୍ମା ଓ ସିଆଇଟିୟୁ ପକ୍ଷରୁ ଶିବ ପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ ଏବଂ ଯୁଧିଷ୍ଠିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ

### ଗଜପତି ଉତ୍ସବ ଦ୍ୱିତୀୟ ସନ୍ଧ୍ୟା

ପାରଳାଖେମୁଣ୍ଡି,୨୦।୧୨(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥିତ ଷ୍ଟାଡିୟମଠାରେ ଚାଲିଥିବା ଗଜପତି ଉତ୍ସବ ୨୦୨୩ର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କାଶୀନଗର ଏନ୍ଏସି ଅଧ୍ୟକ୍ଷା ଏମ. ସୁଧାରାଣୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିରେନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଜପତି ଜିଲା ବୀର ପାଇକଙ୍କ ଇତିହାସ ସହ ଜିଲା ସୌନ୍ଦର୍ଯ୍ୟର ଗନ୍ତାଘର ବୋଲି କହିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ୧୪ ଟି ସାଂସ୍କୃତିକ ଦଳ ଭାଗ ନେଇଥିଲେ। ଆସାମର ବିହୁ, ଉତ୍ତର ପ୍ରଦେଶଲୋକନୃତ୍ୟ, ମହାରାଷ୍ଟ୍ରର ଲାଭନି, ପଶ୍ଚିମବଙ୍ଗର ପୁରାଳୀୟ ଛଉ, ଉତ୍ତର ପ୍ରଦେଶ ମୟୂରି ନୃତ୍ୟ ସହ ମୋହନା, ନୂଆଗଡର ଲୋକନୃତ୍ୟ



ଦର୍ଶକଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମରେ ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜିତ ଶବର, ନୂଆଗଡ ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ଆର୍ ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଗୋସାଣୀ ବ୍ଲକ ଅଧ୍ୟକ୍ଷ ଏନ୍. ବିରରାଜୁ, ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣାବାସି ନାୟକ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, କାଶୀନଗର ବ୍ଲକ ଅଧ୍ୟକ୍ଷା ପି.ସାଇ ଆମ୍ମା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

## ଆଛୁଲିରେ ଯୁବ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

ପୁରୁଷୋତ୍ତମପୁର,୨୦।୧୨ (ସିମାଞ୍ଚଳ ମିଶ୍ର)

ଖଲିକୋଟ ନିର୍ବାଚନ ମଣ୍ଡଳୀ ପୁରୁଷୋତ୍ତମପୁର ବ୍ଲକ ଆଛୁଲିଠାରେ ଯୁବ ବିଜେଡିର କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ଜିଲା ଯୁବ ବିଜେଡି ଉପସଭାପତି ସୁଭ୍ରାଂସୁ ଶେଖର ସାବତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାଉରୀ ପଣ୍ଡା, ବ୍ଲକ ବିଜେଡି ସଭାପତି ଚିତରଞ୍ଜନ ପାଣିଗ୍ରାହି, ଆଛୁଲି ସମିତି ସଭ୍ୟା ବିନୋଦିନି ପଣ୍ଡା, ବ୍ଲକ ଯୁବ ବିଜେଡି ସଭାପତି ନିଳମଣି ପଣ୍ଡା ଯୋଗଦେଇଥିଲେ।

## କୋଭିଡ୍ ମୁକାବିଲା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ସତର୍କ ରହିଛି

### ସୁରକ୍ଷିତ, ସଚେତନ ରହିବାକୁ ପରାମର୍ଶ

ବ୍ରହ୍ମପୁର, ୨୦।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଭାରତରେ ବର୍ତ୍ତମାନ ନୂଆ ପ୍ରଜାତିର ଭୁତାଣୁ ଜେ ଏନ ୱଟ-୧ ଦେଖାଦେଇଛି। ଏବେସୁଦ୍ଧା ୧୪୫ ଜଣ ଚିହ୍ନଟ ହୋଇଥିବା ବେଳେ ସମସ୍ତ ଆକ୍ରାନ୍ତ ଏବେ ସୁସ୍ଥ ରହିଛନ୍ତି। କୋଭିଡର ଭୟ ଏବେ ଲୋକମାନଙ୍କ ମନରୁ ନ ଲିଭୁଣୁ ପୁଣି କୋଭିଡ କଥା ଶୁଣିଲେ ଭୟ ଲାଗୁଛି। ତେବେ ପୂର୍ବରୁ କୋଭିଡ ବେଳେ ଯେହୁଁ ଗମ୍ଭୀର ସ୍ଥିତି ଥିଲା ସେଭଳି କିଛି ଭି ନାହିଁ। କୋଭିଡ ମୁକାବିଲା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ଚିଠି ଆସିଛି। କୋଭିଡ ମୁକାବିଲା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ହୋଇଥିବା ସମସ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯାଉଛି। ସଚେତନ ଓ ପ୍ରସ୍ତୁତ ରହିବାକୁ ଜିଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର , ଉପଖଣ୍ଡସ୍ତରୀୟ ହସ୍ପିଟାଲ, ନଗର ଚିକିତ୍ସାଳୟ ପକ୍ଷରୁ ସତର୍କତା ଜାରି କରାଯାଇଛି। ସମ୍ଭାବ୍ୟ କୋଭିଡ଼ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ମେଡିକାଲ ଅଫିସରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ ) ଡାକ୍ତର ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ବିଶେଷକରି କୋଭିଡ ପରେ ଲୋକମାନେ ସାମାଜିକ ଦୂରତା ଓ ମାସ୍କ ପରିଧାନକୁ ସମ୍ପୂର୍ଣ୍ଣ ମାତ୍ରାରେ ଭୁଲି ଯାଇଛନ୍ତି। ପୂର୍ବରୁ କୋଭିଡ ବେଳେ ଭାଇରସ ଓମିକ୍ରନର ଏବେ ଉପପ୍ରଜାତି ଜେ ଏନ ୱଟ-୧। ବୟସ୍କ ବ୍ୟକ୍ତି ଓ ସମ୍ବେଦନଶୀଳ ରୋଗୀ ବିଶେଷଭାବେ ଏଦିଗରେ ସଚେତନ ଓ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲାରେ ଏବେ ସର୍ବେକ୍ଷଣ ଜାରି ରହିଛି। ସମ୍ପ୍ରତି ଶୀତ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଯେଉଁମାନଙ୍କର ଥଣ୍ଡାକାଶ ଜ୍ୱର ଅଧିକ ଦିନ ଧରି ରହୁଛି ସେମାନେ ପୂର୍ବପରି କୋଭିଡ ପରୀକ୍ଷା କରିବା ପାଇଁ ସମସ୍ତ ବ୍ୟବସ୍ଥା ହସ୍ପିଟାଲ ଗୁଡ଼ିକରେ ଉପଲବ୍ଧ ହେଉଛି। ଏଣୁ ସେମାନେ ପ୍ରତିଷେଧ ବ୍ୟବସ୍ଥା ଗ୍ରହଣ କରିବା ସହ କୋଭିଡ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଆଗକୁ ବଡଦିନ , ନୂଆବର୍ଷ, ପିକନିକ ସମୟ , ମକର ସଂକ୍ରାନ୍ତି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଣୁ ଏବେଠୁ ଲୋକମାନେ ଯଥେଷ୍ଟ ସଚେତନ ହେବ ଆବଶ୍ୟକ ରହିଛି। ମାନବସମ୍ବଳସ୍, ହସ୍ପିଟାଲଗୁଡ଼ିକରେ ଶଯ୍ୟା, ଅମ୍ଳଜାନ, ଔଷଧ ମହଜୁଦ ରହିଛି। ଲୋକାମାନେ ଏନେଇ ଭୟଭୀତ ନ ହୋଇ ମାସ୍କ ପରିଧାନ ଓ ସାମାଜିକ ଦୂରତା ବଜାୟ ରଖିବାକୁ ସିଡ଼ିଏମଓ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ନକଲି ଶିକ୍ଷକଙ୍କ ନାଁରେ ମାମଲା ରୁଜୁ

ଗୋପାଳପୁର,୨୦।୧୨(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ଏକ ହାଇସ୍କୁଲରେ ନକଲି ଶିକ୍ଷକ ଶିକ୍ଷାଦାନ କରୁଥିବା ନେଇ ବୁଧବାର ଅଭିଯୋଗ ହୋଇଛି। ଏହି ଥାନା ଅଧିନ ପୁରୁଣାପାଟଣା ଗ୍ରାମସ୍ଥିତ ସରକାରୀ ୟୁଜି ହାଇସ୍କୁଲରେ ୨୦୧୨-୧୩ ବର୍ଷରେ ବିନୋଦ ବିହାରୀ ଜେନା ହିନ୍ଦୀ ଶିକ୍ଷକ ଭାବେ ଚାକିରି କରିଥିଲେ। ତାଙ୍କର ଶିକ୍ଷାଗତ ପ୍ରମାଣ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଜେନାଙ୍କ ହିନ୍ଦୀ ପ୍ରଶିକ୍ଷଣ ପ୍ରମାଣ ପତ୍ର ନକଲି ବୋଲି ଜଣାପଡିଥିଲା। ଗତ ଦୁଇରୁ ତିନି ଦିନ ହେଲା ସ୍କୁଲକୁ ମଧ ଜେନା ଆସିନଥିବା ଜଣାପଡିଛି। ସ୍କୁଲ ପ୍ରଧାନ ଶିକ୍ଷକ ଗୋକୁଳ କୃଷ୍ଣ ପଣ୍ଡା ଏ ନେଇ ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୬୬୩/୨୩ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଜଣକ ଫେରାର ଥିବା ବେଳେ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ସାମାଜିକ କର୍ମୀଙ୍କ ବଦାନ୍ୟତା, ୨ ଭାଇଙ୍କୁ ଦେଲେ ହ୍ୱିଲ ଚେୟାର

କବିସୂର୍ଯ୍ୟନଗର,୨୦।୧୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଉଁଶିଆ ପଞ୍ଚାୟତ ବାଉଁଶିଆ ଗ୍ରାମର ୨ ଭାଇ ସୁଦର୍ଶନ ବେହେରା ଓ ସୁରେଶ ବେହେରା ପକ୍ଷାଘାତରେ ଆକ୍ରାନ୍ତ ହୋଇ ଚଳପ୍ରଚଳ କରି ପାରୁନଥିଲେ। ସମାଜିକ କର୍ମୀ ପ୍ରମୋଦ ପଣ୍ଡା ଏହା ଜାଣିବା ପରେ ତାଙ୍କ ଘରକୁ କେତେଜଣ ସହଯୋଗୀଙ୍କ ସହ ଯାଇ ୨ ଭାଇଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ପ୍ରମୋଦ ବର୍ତ୍ତମାନ ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ପଦବୀରେ ଅଛନ୍ତି।

### କରବାଲୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଟିକିଟି,୨୦।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କରବାଲୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୁଧବାର ବାର୍ଷିକ ଉତ୍ସବ ଏବଂ ମୋ ସ୍କୁଲ ଉଦ୍‌ଘାଟନ ହୋଇଯାଇଛି। ପ୍ରଧାନ ଶିକ୍ଷକ ନରସିଂହ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ, ମୁଖ୍ୟବକ୍ତା ଭାବେ ଟିକିଟି ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ ପାଢ଼ୀ ଓ ଏସ୍‌ଏମ୍‌ସି ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ୧୬୨ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ମୋ ସ୍କୁଲ ଯୋଜନାକୁ ଉଦ୍‌ଘାଟନ କରାଯାଇଥିଲା। ଦେଢ଼ ଲକ୍ଷ ଟଙ୍କାର କାଠ ଡେସ୍କ ମୋ ସ୍କୁଲ ଯୋଜନାରେ ଦାନ ମିଳିଥିଲା। ଶିକ୍ଷକ ଅମର କୁମାର ସାହୁ ଏବଂ ଶିକ୍ଷୟିତ୍ରୀ ମିନାକ୍ଷୀ ପାଢ଼ୀ ମଞ୍ଚ ପରିଚାଳନା, ବାଳକୃଷ୍ଣ ପଣ୍ଡା ଅତିଥି ପରିଚୟ ଏବଂ ନରସିଂହ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମମତା କୁମାରୀ ଦେବୀ, ପୁଷ୍ପାଞ୍ଜଳି ପାଢ଼ୀ, ଗିରଜା ସାହୁ, ନିଗମ ପଟ୍ଟନାୟକ, ପ୍ରଶାନ୍ତ କୁମାର ଦାଶ, ଭାସ୍କର ପଣ୍ଡାଙ୍କପ୍ରତ୍ୟକ୍ଷ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

### ଜିଲାସ୍ତରୀୟ ଶିଶୁ ଉତ୍ସବ

ଚାନ୍ଦିପୁଟ,୨୦।୧୨(କେ ପ୍ରମୋଦ କୁମାର ଦୋରା): ଚାନ୍ଦିପୁଟ ସ୍ଥିତ ଆଦିବାସୀ ବାଳିକା ବିଦ୍ୟା ପୀଠରେ ଶିଶୁ ହସିଲେ ଦୁନିଆ ହସେ ବା ଜିଲା ସ୍ତରୀୟ ଶିଶୁ ଉତ୍ସବ ଓଷ୍ଟା ପକ୍ଷରୁ ରାଜ୍ୟଉପ ସଭାନେତ୍ରୀ (ଓଷ୍ଟା) ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ବାଳ ମୁକୁନ୍ଦ ଭୂୟାଁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଗଜପତି ଜିଲା ଅତିରିକ୍ତ ଶିକ୍ଷାଧିକାରି ମନୋରଞ୍ଜନ ଦଳାଇ, ରାଜ୍ୟ ସାଧାରଣ ସମ୍ପାଦକ (ଓଷ୍ଟା) ରଞ୍ଜନ କୁମାର ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ରାଜ୍ୟ ସମ୍ପାଦକ (ଓଷ୍ଟା) ପ୍ରଣବ କୁମାର ଜେନା, ଗଜପତି ସଭାପତି (ଓଷ୍ଟା) ବି ତିରୁମାଲା ରାଓ ପଟ୍ଟନାୟକ, ଗଜପତି ସମ୍ପାଦକ (ଓଷ୍ଟା) ପ୍ରଫୁଲ୍ଲ ମହାନ୍ତି, ଆଦିବାସୀ ବାଳିକା ବିଦ୍ୟାପୀଠ ସଭାପତି ଜଟୁ ପାଇକ, ଆଦିବାସୀ ବାଳିକା ବିଦ୍ୟାପୀଠ ସମ୍ପାଦିକା ସୁଷମା ବେହେରା, ସମ୍ପାଦକ (ଓଷ୍ଟା) ଗଞ୍ଜାମ ବିଜୟ କୁମାର ବେହେରା, ଉପଦେଷ୍ଟା (ଓଷ୍ଟା) ଗଜପତି ବୃନ୍ଦାବନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଜୁରିୟା କାର୍ଜୀ, ଗୋଷ୍ଠୀ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ବେହେରା, ଜିଲା ପରିଷଦ ସୁନିଲ ବିଷୋୟୀ, ସରପଞ୍ଚ କନକ ଲତା ପାଲ୍, ସମିତିସଭ୍ୟ ସୋମନାଥ ମଣ୍ଡଳ, କାର୍ଯ୍ୟକାରୀ ସଭାପତି (ଓଷ୍ଟା) ଗଜପତି ଚିତ୍ତରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

# ଇଏମ୍‌ଟିସିଟି ଗର୍ଭସ୍ଥ ଶିଶୁଙ୍କ ସଂଜୀବନୀ

## ଜିଲାରେ ୧୦୧୭ ଏଡ୍‌ସ ଆକ୍ରାନ୍ତ ଗର୍ଭବତୀ

ବ୍ରହ୍ମପୁର,୨୦।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଏଡ୍‌ସର ମୁକାବିଲା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଅନେକ କାର୍ଯ୍ୟକ୍ରମ କରାଯାଉଛି। ଜନସାଧାରଣଙ୍କୁ ଏ ଦିଗରେ ବାରମ୍ବାର ସଚେତନ କରାଯାଉଛି। ଏହା ସତ୍ତ୍ୱେ ମଧ ଏଡସ ରୋଗକୁ ଏବେ ବି ସମାଜରେ ଘୃଣ୍ୟ ଚକ୍ଷୁରେ ଦେଖାଯାଉଛି। ଏଡ୍‌ସ ଆକ୍ରାନ୍ତ ହେବା ପରେ ଯଦି ଜଣେ ମହିଳା ଗର୍ଭବତୀ ହେଉଛନ୍ତି, ତେବେ ଗର୍ଭସ୍ଥ ଶିଶୁ ପାଇଁ ମଧ ବିପଦ ସୃଷ୍ଟି ହେଉଛି। ଏଣୁ ମା' ଠାରୁ ଗର୍ଭସ୍ଥ ଶିଶୁକୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ନୂତନ କାର୍ଯ୍ୟକ୍ରମ ରହିଛି। ନୂତନ ଚିକିତ୍ସା ପଦ୍ଧତି ଏବେ ଗର୍ଭସ୍ଥ ଶିଶୁଙ୍କ ପାଇଁ ଜୀବନ ରେଖା ପାଲଟିଛି। ଏଲିମିନେସନ ଅଫ ମଦର୍ ଟୁ ଚାଇଲ୍ଡ ଟ୍ରାନ୍ସମିସନ (ଇଏମ୍‌ଟିସିଟି) କାର୍ଯ୍ୟକ୍ରମ ଜରିଆରେ ଏହା ସମ୍ଭବ ହୋଇପାରିଛି। ଏଡ୍‌ସ କବଳିତ ଗଞ୍ଜାମ ଜିଲାରେ ଏହି କାର୍ଯ୍ୟକ୍ରମ ବେଶ ସଫଳ ହୋଇଥିବା ବେଳେ ଏଚଆଇଭି ପଜିଟିଭ ଗର୍ଭବତୀଙ୍କ ସଂଖ୍ୟା ମଧ ଧୀରେ ଧୀରେ ହ୍ରାସ ପାଉଥିବା ରେକର୍ଡ କହୁଛି। ଏଣୁ ଏହି କାର୍ଯ୍ୟକ୍ରମ ଏଚଆଇଭି ସଂକ୍ରମିତ ମା'ଙ୍କ ଗର୍ଭରେ ବଢୁଥିବା ଶିଶୁ ପାଇଁ ସଂଜୀବନୀ ପାଲଟିଛି ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ। ଗଞ୍ଜାମ ଜିଲାରେ ୨୦୦୮ରୁ ୨୦୨୩ ଡିସେମ୍ବର ସୁଦ୍ଧା ମୋଟ ୧୦୧୭ଜଣ ଏଚଆଇଭି ସଂକ୍ରମିତ ଗର୍ଭବତୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଜିଲା ଏଡ୍‌ସ ସେଲ ତରଫରୁ ମାଗଣାରେ ଚିକିତ୍ସା ସୁବିଧା ସହିତ ଔଷଧ ପ୍ରଦାନ କରାଯାଉଛି। ବିଶେଷ କରି ଅସୁରକ୍ଷିତ ଯୌନ ସମ୍ପର୍କ ସ୍ଥାପନ ଦ୍ୱାରା ଅଧିକାଂଶ ପୁରୁଷ ଏଚଆଇଭି ସଂକ୍ରମିତ ହେଉଛନ୍ତି। ସଚେତନତା ଅଭାବରୁ ସେମାନେ ରୋଗ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ରହୁଛନ୍ତି। ଏଣୁ ଚିକିତ୍ସାରେ ଅବହେଳା କରିବା ଦ୍ୱାରା ରୋଗ ବଢ଼ି ଯାଉଛି। ପରେ ସ୍ୱାମୀଙ୍କ ଠାରୁ ସ୍ତ୍ରୀ ସଂକ୍ରମିତ ହେଉଛନ୍ତି। ପରବର୍ତ୍ତୀ ସମୟରେ ମହିଳା ଜଣଙ୍କ ଗର୍ଭଧାରଣ କରିବା ପରେ ଗର୍ଭସ୍ଥ ଶିଶୁ ପାଇଁ ମଧ ବିପଦ ସୃଷ୍ଟି ହେଉଛି। ଏବେ ନୂତନ ଚିକିତ୍ସାବିଜ୍ଞାନ ସହାୟତାରେ ମା' ଗର୍ଭରେ ଥିବା ଶିଶୁକୁ ଏଡ୍‌ସ କବଳରୁ ରକ୍ଷା କରାଯାଇ ପାରିବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ରହିଥିବା ନ୍ୟାସନାଲ ଏଡ୍‌ସ କଣ୍ଟ୍ରୋଲ ସୋସାଇଟି(ନାକୋ) ତରଫରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ତରଫରୁ ଏଡ୍‌ସ ରୋଗୀଙ୍କୁ ଚିକିତ୍ସା ସୁବିଧା ସହିତ ମାଗଣା ଔଷଧ ପ୍ରଦାନ ବ୍ୟବସ୍ଥା କରାଯାଇଛି ବୋଲି ଜିଲା ଏଡ୍‌ସ ସେଲ୍‌ର ଅଧିକାରୀ ହେମନ୍ତ କୁମାର ଦାଶ କହିଛନ୍ତି। ଗର୍ଭବତୀ ପଜିଟିଭ ବୋଲି ଜଣାପଡ଼ିବା ପରେ ତାଙ୍କୁ ୬ମାସ ପର୍ଯ୍ୟନ୍ତ ଔଷଧ ଖାଇବା ପାଇଁ ଦିଆଯାଇଥାଏ। ଯଦି ଠିକ ଭାବେ ରୋଗୀ ଜଣଙ୍କ ୬ମାସ ପର୍ଯ୍ୟନ୍ତ ଔଷଧ ଖାଇଥିବେ ତେବେ ପ୍ରସବ ପରେ ଶିଶୁ ଏଚଆଇଭି ସଂକ୍ରମିତ ହେବାର ଆଶଙ୍କା ୫ ପ୍ରତିଶତରୁ ମଧ କମ ରହିଥାଏ। ଗଞ୍ଜାମ ଜିଲାରେ ଗତ ୨୦୦୮ରୁ ୨୦୨୩ ଅକ୍ଟୋବର ପର୍ଯ୍ୟନ୍ତ ୧୦୧୭ଜଣ ଗର୍ଭବତୀ ଏଚଆଇଭି ସଂକ୍ରମିତ ହୋଇଛନ୍ତି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ୨୧ଗର୍ଭବତୀ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୦୨୨ରେ ୨୭ଜଣ, ୨୦୨୧ରେ ୩୩, ୨୦୨୦ରେ ୩୭ଜଣ,୨୦୧୯ରେ ୩୮ଜଣ ଓ ୨୦୧୮ରେ ୨୮ ଜଣ ଚିହ୍ନଟ ହୋଇଥିଲେ। ଲୋକଙ୍କ ମଧ୍ୟରେ ସଚେତନତା ବଢୁଥିବାରୁ ଧୀରେ ଧୀରେ ପଜିଟିଭ ସଂଖ୍ୟା ହ୍ରାସ ପାଉଥିବା ରେକର୍ଡ କହୁଛି। ଏଣୁ ଗର୍ଭଧାରଣ ପରେ ଏଚଆଇଭି ପରୀକ୍ଷା କରିବାକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆହ୍ୱାନ କରାଯାଇଛି। ସମସ୍ତ ସରକାରୀ ଡାକ୍ତରଖାନାରେ ମାଗଣାରେ ଏହି ପରୀକ୍ଷା ଉପଲବ୍ଧ କରାଯାଇଛି।

## ଛତ୍ରପୁର ହସ୍ପିଟାଲ ଆସିବେ କାୟାକଳ୍ପ ଟିମ୍



ଛତ୍ରପୁର,୨୦।୧୨(ଦିଲୀପ ସାମଲ)

ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଗାମୀ ଦିନରେ ରାଜ୍ୟରୁ କାୟାକଳ୍ପ ଟିମ୍ ପରିଦର୍ଶନରେ ଆସିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ବୁଧବାର ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସ ଅଧିକାରୀ ପ୍ରତିଭା କୁମାରୀ ପାତ୍ର ଛତ୍ରପୁର ହସ୍ପିଟାଲ ପରିଦର୍ଶନରେ ଆସି ରୋଗୀଙ୍କୁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ, ଅତ୍ୟାଧୁନିକ ସେବା ସମ୍ବନ୍ଧରେ ରୋଗୀ ଏବଂ କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ପରିଦର୍ଶନ ବେଳେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ଡାକ୍ତର ସୁଦର୍ଶନ ସାହୁ, ଅଲେଖ ପ୍ରଧାନ, ହିଞ୍ଜିଳିକାଟୁ ହସ୍ପିଟାଲ ମ୍ୟାନେଜର ମହେଶ୍ୱେତା ପାତ୍ର ଓ ଛତ୍ରପୁର ହସ୍ପିଟାଲ ମ୍ୟାନେଜର ଗଣେଶ ନାୟକଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ଜୀବନ ରକ୍ଷା ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ରମ୍ଭା,୨୦।୧୨(ବନବାସୀ ସେଠୀ): ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ଼ଃ ରଞ୍ଜନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏବଂ ନୋଡାଲ ଅଫିସର ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରମ୍ଭା ଥାନା ଏଏସ୍‌ଆଇ ସୁଜିତ ପାଣିଗ୍ରାହୀ ରହିଥିବା ବେଳେ ସମ୍ମାନିତ ଅତିଥି ପ୍ରାକ୍ତନ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଗୌଡ଼ ପ୍ରମୁଖ ମଞ୍ଚାସିନ ଥିଲେ। ଏଥି ସହିତ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ନେଇ କଲେଜ ଠାରୁ ରମ୍ଭା ଏନଏସି ଯାଏ ବିରାଟ ପଦୁଆରରେ ଫ୍ଲାକାର୍ଡ ବେନେର ଧରି ସଡ଼କ ସୁରକ୍ଷା ଜୀବନରକ୍ଷା ଏବଂ ମଦ ପିଇ ଗାଡି ଚଳାନ୍ତୁ ନାହିଁ ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ରମ୍ଭା ବସଷ୍ଟାଣ୍ଡରେ ପଥପ୍ରାନ୍ତ ନାଟକ କଳାକାର ଛାତ୍ରୀମାନଙ୍କୁ ନେଇ ପରିବେଷଣ ହୋଇଥିଲା। ନାଟ୍ୟ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ ବିଜୟାନନ୍ଦ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ପରିବେଷଣ ହୋଇଥିଲା। କଲେଜର ଅଧ୍ୟାପିକା ଅଧ୍ୟାପକ ଡ଼ଃ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଡ଼ଃ ଶିବ କୁମାର ମିଶ୍ର, ଡ଼ି. ତ୍ରିନାଥ ପ୍ରଧାନ, ଶରତ ଚନ୍ଦ୍ର ଯୋଶୀ, ବିଚିତ୍ରା ନନ୍ଦ ସାହୁ, ରୀନା କୁମାରୀ ପାଣିଗ୍ରାହୀ, ବିଦ୍ୟାଧର ବାରିକ, ରାଜେନ୍ଦ୍ର ନାହାକ, ସତ୍ତ୍ୱବାନ ପଣ୍ଡା, ବିଶ୍ୱନାଥ ରଥ, କାଳିଆ ବେହେରା, ରାମଚନ୍ଦ୍ର ନାହାକ, ମାଗୁଣି, ସାବିତ୍ରୀ, ବୈକୁଣ୍ଠ, ଧରଣୀ, ଲଳିତେନ୍ଦୁ, ପ୍ରମୋଦ, ଶିବଶଙ୍କର, ପୂର୍ଣ୍ଣଚନ୍ଦ୍ର, ଦୁର୍ଯ୍ୟୋଧନ ଏବଂ ହାବିଲଦାର ରାମଚନ୍ଦ୍ର ମୁଦୁଲି ସହଯୋଗ କରିଥିଲେ।

# ଧାନକିଣା ନେଇ ପ୍ରଶାସନର ମିଳିତ ବୈଠକ

ଶେରଗଡ଼,୨୦।୧୨(ସୂର୍ଯ୍ୟନାରାୟଣ ଦାଶ)



ବୈଠକରେ ଆଲୋଚନା ଚାଲିଛି।

ଶେରଗଡ଼ ବ୍ଲକ ବ୍ଲକ ସଭା ଗୃହରେ ମଣ୍ଡି ଜରିଆରେ ଧାନ କ୍ରୟ ନେଇ ପ୍ରଶାସନର ମିଳିତ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଯୋଗାଣ ନୀରିକ୍ଷିକ ବିଭୂପ୍ରସାଦ ସାହୁଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଚଳିତ ବର୍ଷ ମୋଟ ୬୭୦୬ ଚାଷୀ ଧାନ କ୍ରୟ ନେଇ ପଞ୍ଜିକରଣ କରିଛନ୍ତି। ମୋଟ ୨୨ ପଞ୍ଚାୟତକୁ ୧୯ଟି ମଣ୍ଡି ଜରିଆରେ ଧାନ କିଣା ହେବ। ସେଥିରୁ ୧୫ଟି ସମବାୟ ସମିତି, ୪ଟି ସ୍ୱଂୟ ସହାୟକ ଦଳ ଧାନ ମଣ୍ଡି ଦାୟିତ୍ୱରେ ରହି ଚାଷୀଙ୍କଠାରୁ ଧାନ କିଣିବେ। ସମବାୟ ସମିତିର ଏଆର୍‌ସିଏସ୍ ବିଜୟ କୁମାର ସାହୁ ଯୋଗଦେଇ ସମବାୟ ସମିତିଗୁଡ଼ିକର ଦାୟିତ୍ୱ କର୍ତ୍ତବ୍ୟ ବୋଧ ତାହ ଉପରେ କହିଥିଲେ। ମଣ୍ଡିରେ ଧାନ ଦେଲା ବେଳେ ଧାନର ମାନ ନିର୍ଦ୍ଧାରଣ କରି ଧାନ ନେବାକୁ ବୈଠକରେ ସ୍ଥିର ହୋଇଥିଲା। ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ଓ କିସମ ଧାନ କୁଇଣ୍ଟାଲ ପ୍ରତି ୨୨୦୩ ଟଙ୍କା ସରକାର ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଧାନ କିଣା ପାଇଁ ସରକାର ପକ୍ଷରୁ ୧୭ଟି ମିଲରଙ୍କୁ ସ୍ଥିରିକୃତ କରାଯାଇଛି। ବୈଠକରେ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ନିବେଦିତା ପ୍ରଧାନଙ୍କ ସମେତ ସମସ୍ତ ସେବା ସମବାୟ ସମିତିର ସମ୍ପାଦକ, ମିଲର କର୍ମକର୍ତ୍ତା, ସ୍ୱଂୟ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା ଜରିଆରେ ଭୂମିପୂଜା କାର୍ଯ୍ୟକ୍ରମ

ଆର.ଉଦୟଗିରି,୨୦।୧୨(ମନୋଜ କୁମାର ପାଢୀ)

ଆର.ଉଦୟଗିରି ବ୍ଲକ ଛେଲାଗଡ଼ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ପ୍ରତି ଦୁର୍ଗମ ଅଞ୍ଚଳରେ ଥିବା ସାଂସ୍କୃତିକ ଘର, ସମାଜ କୋଠାଘର, ସତସଂଘ ଗୃହ, ଗୀର୍ଜାଘର ଆଦିର ଉନ୍ନତି ଓ ମରାମତି ଲାଗି ପ୍ରତି ପଞ୍ଚାୟତକୁ ପଚାଶ ଲକ୍ଷ ଲେଖାଏ ଅର୍ଥରାଶି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷିରେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଲାଗଡ ଗ୍ରାମ ପଞ୍ଚାୟତର ଚାରି ଗୋଟି ଗ୍ରାମ ନୂଆଗଡ ସତସଙ୍ଗ ତଥା କୋଠଗୃହ, ଛେଲାଗଡ ଶୁଦ୍ଧ ଶବର ସମାଜ କୋଠଗୃହ ଓ ନୂଆସାହି ସମାଜ କୋଠଗୃହ ପାଇଁ ୬ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଏବଂ ଘାଟିସାହି କୋଠଘର ଲାଗି ୩ ଲକ୍ଷ ଟଙ୍କା ଅର୍ଥରାଶି ମଞ୍ଜୁର ହୋଇଥିବାରୁ ଏସବୁ ଗ୍ରାମଗୁଡିକରେ କୃତଜ୍ଞତା ସଭା ଆୟୋଜନ ହୋଇଥିଲା। ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଜିଲାପରିଷଦ ପ୍ରତିନିଧି ସରୋଜ ବାବୁ , ସ୍ଥାନୀୟ ସରପଞ୍ଚ ଡାଳିମ୍ବ ଗମାଙ୍ଗ, ସମିତି ସଭ୍ୟା ଶିବାନୀ ବେହେରର୍ଦଳାଇ, ଅନେକ ୱାର୍ଡ ମେମ୍ବର ଓ ଦଳୀୟ କର୍ମୀମାନଙ୍କୁ ନିମନ୍ତ୍ରଣ କରି ସମ୍ମାନିତ କରିବା ସହ ଏମାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଗୃହ ନିର୍ମାଣଲାଗି ଭୂମିପୂଜା କରିଥିଲେ। ବ୍ଲକ ଅଧ୍ୟକ୍ଷ ଶବର ପଞ୍ଚାୟତର ଯିଏ ସର୍ବ ପ୍ରଥମେ କାମକୁ ସମ୍ପୂର୍ଣ୍ଣ କରିବ ତାଙ୍କଲାଗି ବ୍ଲକ ତରଫରୁ ପୁଣି ୫ ଲକ୍ଷ ଟଙ୍କାର କାର୍ଯ୍ୟଦେବା ଲାଗି ଘୋଷଣା ମଧ କରିଥିଲେ। ଅନ୍ୟାନଙ୍କ ମଧ୍ୟରେ ବିଡିଓ ଲରିମନ ଖର୍ସଲ, ଜିପିଓ ଶସାଙ୍କ ସୁବୁଦ୍ଧି ଓ ଯନ୍ତ୍ରୀ ସର୍ବେଶ୍ୱର ସାହୁ ଉପସ୍ଥିତ ଥିଲେ।

# ବିଜୁ କନ୍ୟାରତ୍ନ ସଚେତନତା

ଆସିକା,୨୦।୧୨(ସୁରେନ୍ଦ୍ର ନାଥ ସାହୁ)





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା ବ୍ଲକ ବଡଖୋଲି ପଞ୍ଚାୟତରେ ବୁଧବାର ବିଜୁ କନ୍ୟାରତ୍ନ ଓ ମହିଳା ବିରୋଧୀ ହିଂସା ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଭାଗ୍ୟଲତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟା ତନ୍ମୟୀ ନାହାକ, ଶିଶୁ କଲ୍ୟାଣ ସମିତିର ପୂର୍ବତନ ସଦସ୍ୟ ତଥା ଜିଲା ତାଲିମଦାତା ହରିହର ପାଢୀ, ଶିବ ପ୍ରସାଦ ରଥ ପ୍ରମୁଖ ଯୋଗଦେଇ ମହିଳା ହିଂସାକୁ ରୋକିବା ଓ ଶିଶୁ କନ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନ ହେବା ଯାଏଁ ସେମାନଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ପୋଷଣ କରିବା ଏକ ସାମାଜିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଆଶା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଗାଁ କଲ୍ୟାଣ ସମିତି ଓ ମିଶନ ଶକ୍ତି କ୍ୟାଡରମାନେ ଏଥିପ୍ରତି ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା ।

## ଶାନ୍ତି ମିଶ୍ର ହତ୍ୟା ମାମଲା: ତଦନ୍ତକାରୀ ଅଧିକାରୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର , ୨୦।୧୨(ସୁବାସ ଚନ୍ଦ୍ରପାଢ଼ୀ)

ବହୁ ଚର୍ଚ୍ଚିତ ଗୋଷାଣିନୂଆଗାଁ ଶାନ୍ତି ପ୍ରସାଦ ମିଶ୍ର ହତ୍ୟା ମାମଲା ଏବେ ଜିଲା ଓ ଦୌରାଜଜ୍ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ବିଚାରାଧୀନ ରହିଛି। ଉକ୍ତ ମାମଲାର ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତେରେସ୍କୋବା ମହାପାତ୍ର ବୁଧବାର ୨୨ତମ ସାକ୍ଷୀ ଭାବେ କୋର୍ଟରେ ହାଜର ହୋଇଥିଲେ। ସେ ପୂର୍ବରୁ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିବା ସମ୍ପର୍କରେ ବୟାନ ଦେଇଛନ୍ତି। ମାମଲାର ପରବର୍ତ୍ତୀ ବିଚାର ପାଇଁ ଜାନୁୟାରୀ ୧୦ ତାରିଖକୁ ଦିନ ଧାର୍ଯ୍ୟ କରାଯାଇଛି। ଶାନ୍ତି ମିଶ୍ରଙ୍କ ନାଁରେ ଏକାଧିକ ମାମଲା ରହିଥିଲା। ୨୦୧୩ ଜାନୁୟାରୀ ୨୯ ତାରିଖ ସକାଳେ ସେ ଗୋସାଣିନୂଆଗାଁ ଥାନାକୁ ଯାଇ ହାଜିରା ଦେଇଥିଲେ। ସେଠାରୁ ବାଇକରେ ଘରକୁ ଫେରୁଥିବା ବେଳେ ଗୁଣ୍ଡିଚା ମନ୍ଦିର ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ପୋଲିସ ସେଠାରେ ପହଞ୍ଚି ଗୁରୁତର ଆହତ ଶାନ୍ତିଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ଏନେଇ ଅନିଲ ନାୟକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧/୧୩ ରେ ୧୧ରୁ ଉର୍ଦ୍ଧ୍ୱଙ୍କ ନାମରେ ମାମଲା ରୁଜୁ କରିଥିଲା। ପରେ ସେମାନଙ୍କୁ ପର୍ଯ୍ୟାୟକ୍ରମେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଆସିକା ବିଧାୟିକାଙ୍କ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ଅନ୍ୟମାନେ।

କବିସୂର୍ଯ୍ୟନଗର,୨୦।୧୨(କୃପାସିନ୍ଧୁ ସ୍ୱାଇଁ):

ଆସିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କବିସୂର୍ଯ୍ୟନଗର ବ୍ଲକ କନିଆରୀ ପଞ୍ଚାୟତରେ ବିଧାୟିକା ମଞ୍ଜୁଳା ସ୍ୱାଇଁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡ଼ି ସଭାପତି ନଚିକେତା ସ୍ୱାଇଁ, ଜିଲା ଉପସଭାପତି ଦିଲୀପ ପାଣିଗ୍ରାହୀ, ଜିଲା ସାମ୍ପାଦକ ଅଭିମନ୍ୟୁ ନାହାକ, ବରିଷ୍ଠ ସମାଜିକ କର୍ମୀ ଭଗବାନ ସାହୁ, ଆସିକା ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ଜିଲା ଯୁବ ସାମ୍ପାଦକ ଟୁକୁନା ବିଷୋୟୀ, କନିଆରୀ ପ୍ରାକ୍ତନ ସରପଞ୍ଚ ରଞ୍ଜନ କୁମାର ପ୍ରଧାନ, ସରପଞ୍ଚ ରବୀନ୍ଦ୍ର ବେହେରା, ସମିତିସଭ୍ୟ ଶଙ୍କର ବେହେରା ଓ ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସାମନ୍ତରାପଲ୍ଲୀ ଠାକୁରାଣୀ ମନ୍ଦିର, କନିଆରୀ କଳିଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟ ଗୃହ, ତୀର୍ଥଯାତ୍ରୀ ରୋଷେଇ ଗୃହ, କାଳି ମନ୍ଦିର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

# ଦିଗପହଣ୍ଡିରେ ପ୍ରମୁଖ ସେଚ ପ୍ରକଳ୍ପର ସ୍ଥିତି ଦୟନୀୟ

ଦିଗପହଣ୍ଡି,୨୦।୧୨(ଅଶେଷ ନାଥ ମିଶ୍ର)



ଶୁଖିଯାଇଛି କନ୍ହେଇ ନାଳ ଡ୍ୟାମ।

- ଅନୁଧ୍ୟାନ କଲେ କଂଗ୍ରେସ କୃଷକ ସେଲ୍ ଉପସଭାପତି
- ଛେଳିଗଡ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଦାବି

ଦିଗପହଣ୍ଡି ବ୍ଲକରେ ଥିବା ପ୍ରମୁଖ ସେଚ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ ପାଇଁ ରାଜ୍ୟ କଂଗ୍ରେସ କୃଷକ ସେଲ ଉପସଭାପତି ବୃନ୍ଦାବନ ଖଟେଇ ବୁଧବାର ସେଚାଞ୍ଚଳ ଗୁଡ଼ିକୁ ପରିଦର୍ଶନରେ ଯାଇଥିଲେ। ଘୋଡାହାଡ ଡ୍ୟାମ, କନ୍ହେଇନାଳ, ଗଣିଆନାଳ କ୍ଷୁଦ୍ରସେଚ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରିବା ପରେ ସମ୍ପୃକ୍ତ ସେଚାଞ୍ଚଳର ଅନେକ ଚାଷୀଙ୍କ ସହ ଏସବୁ ସେଚ ପ୍ରକଳ୍ପ ସମ୍ପର୍କରେ ସବିଶେଷ ଆଲୋଚନା କରି ଫେରିଛନ୍ତି। ଚଳିତ ବର୍ଷର ସ୍ୱଳ୍ପ ବୃଷ୍ଟିପାତ ଜନିତ ସମସ୍ୟା ଚାଷୀକୁ କେତେ ବାଧୁଛି ତାହା ଆଲୋଚନା ବେଳେ ସେ ଜାଣିପାରିଛନ୍ତି। ଦୀର୍ଘ ୪୦ ବର୍ଷ ପରେ ତାହା ଏବେ ସମ୍ପୂର୍ଣ୍ଣ ଶୁଖି ଯାଇଛି। ପ୍ରକଳ୍ପର ପୂର୍ଣ୍ଣ ଜଳଧାରଣର କ୍ଷମତା ୧୧୭.୮୦ ମିଟର। ଏହାର କେଚମେଣ୍ଟ ଏରିଆର ଦୈର୍ଘ୍ୟ ୧୩୮ ବର୍ଗ ମିଟର। ଆଗାମୀ ବର୍ଷା ଋତୁରେ ଯଦି ପ୍ରକଳ୍ପର ଉପରେ ମୁଣ୍ଡରେ ପର୍ଯ୍ୟାପ୍ତ ପରିମାଣରେ ବର୍ଷା ନହେଲେ ଆଗାମୀ ଖରିଫ ଧାନ ଚାଷ ସମୟରେ ଚାଷୀମାନେ ଜଟିଳ ସମସ୍ୟାରେ ସମ୍ମୁଖୀନ ହେବେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଡ୍ୟାମ ଓଡ଼ିଶାର ଏକ ମାତ୍ର ପାଇଲଟ ପ୍ରକଳ୍ପ ଭାବେ ପରିଗଣିତ ହେଉଥିବା ଏହା ଉପରେ ଦିଗପହଣ୍ଡି ଅଞ୍ଚଳର ଅନେକ ଚାଷୀ ନିର୍ଭର କରିଥାନ୍ତି। ଅନେକ ଧିବର ଶ୍ରେଣୀର ଲୋକ ଏହି ପ୍ରକଳ୍ପରୁ ମାଛ ଧରି ଜୀବିକା ନିର୍ବାହ କରୁଥିଲେ। ପ୍ରକଳ୍ପ ଶୁଖି ଯାଇଥିବା ଯୋଗୁଁ ଏମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଉଥିବା ବେଳେ ବିରଳ ଗୋମୁହା ପ୍ରଜାତିର କୁମ୍ଭୀର ମାନଙ୍କ ବାସସ୍ଥଳୀ ଉଜୁଡି ଯାଇଛି। ଏଣୁ ରାଜ୍ୟ ସରକାର ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏସବୁ ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି କରି ଛେଳିଗଡ ଜଳସେଚନ ଯୋଜନାକୁ ତୁରନ୍ତ କାର୍ଯ୍ୟକରୀ କରିବାକୁ ସେ ଦାବି ଉପସ୍ଥାପନ କରିଛନ୍ତି। ଦିଗପହଣ୍ଡି ବ୍ଲକ ଜକର ଗ୍ରାମର ଚାଷୀମାନଙ୍କ ସହ ସେ ଆଲୋଚନା କରି କନ୍ହେଇନାଳ କ୍ଷୁଦ୍ରସେଚ ପ୍ରକଳ୍ପର ଅବସ୍ଥାକୁ ଅନୁଧ୍ୟାନ କରିଛନ୍ତି। ଗତ ୫୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି ସେଚପ୍ରକଳ୍ପ ରକ୍ଷଣାବେକ୍ଷଣ ଅଭାବରୁ ମାଟିରେ ପୋତି ହୋଇପଡିଛି। ଫଳରେ ବଡଡୁମୁଲା ଓ କରପଡା ଗ୍ରାମପଞ୍ଚାୟତର ପ୍ରାୟ ୭ ଶହ ହେକ୍ଟର ଜମିକୁ ଜଳସେଚିତ କରିବା ଲକ୍ଷ୍ୟରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ଏବେ ଅକାମୀ ହୋଇପଡିଛି। ସେହିପରି ବ୍ଲକର ସିଦ୍ଧେଶ୍ୱର, କୋଟିନଡ଼ା, ଗୋକର୍ଣ୍ଣପୁର ଓ ବାସୁଦେବପୁର ପଞ୍ଚାୟତର ୧୧ ଶହରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବା ଲକ୍ଷ୍ୟରେ ନିର୍ମାଣ ହୋଇଥିବା ଗଣିଆନାଳ କ୍ଷୁଦ୍ରସେଚ ପ୍ରକଳ୍ପର ଅବସ୍ଥା ତଦ୍ରୂପ। ଉପରୋକ୍ତ ପ୍ରକଳ୍ପ ଗୁଡିକ ସମ୍ପୂର୍ଣ୍ଣ ଶୁଖିଯାଇଥିବାରୁ ସରକାର ଓ ପ୍ରଶାସନ ଜରୁରୀକାଳୀନ ଭିତ୍ତି ରେ ଏଥିପ୍ରତି ଧ୍ୟାନ ନଦେଲେ ଆଗାମୀ ଦିନରେ ସରକାର ଚାଷୀଙ୍କ ରୋଷର ଶିକାର ହେବେ ବୋଲି କୃଷକ ନେତା ବୃନ୍ଦାବନ ଖଟେଇ ପରୋକ୍ଷରେ ସତର୍କ କରାଇ ଦେଇଛନ୍ତି।

